# Akashvani, Sambalpur

## SAMBALPURI NEWS EVENING BULLETIN

**26 April 2024- 7.02 pm- 7.12 pm.**

*********************************************

୧- ଲୋକ୍‌ସଭା ନିର୍ବାଚନ୍‌ର ୨ ନମ୍ବର୍ ଖେପେ ଆଏଜ୍ ୮୮ ଟା ଆସନ୍‌ଥି ହେଇଛେ ଭୋଟ୍ ।

୨- ସୁନ୍ଦର୍‌ଗଡ୍, ବଲାଙ୍ଗିର୍, କନ୍ଧମାଲ୍, ବର୍‌ଗଡ୍ ଆର୍ ଆସ୍କା ସଂସଦୀୟ କ୍ଷେତ୍ର ସହେତେ ୩୫ ଟା ବିଧାନ୍‌ସଭା ଆସନ୍‌ର ଭୋଟ୍ ଲାଗି ବାହାର୍‌ଲା ବିଜ୍ଞପ୍ତି ।

୩- ନିର୍ବାଚନ୍ ପ୍ରକ୍ରିୟାଥି ଭିଭିପାଟ୍ ଯାଂଚ୍ ଆବେଦନ୍‌କେ ଖାରଜ୍ କଲେ ସୁପ୍ରିମ୍‌କୋର୍ଟ ।

ଆଉର୍

୪- ରାଏଜେ ଆଏବା ୪ ଦିନ୍‌ତକ୍ ଜାରି ରହେବା ତାତି- ସତର୍କ କଲା ପାଣିପାଗ୍ ବିଭାଗ୍ ।

ଲୋକ୍‌ସଭା ନିର୍ବାଚନ-ଭୋଟ ଆର୍‌ଏନ୍‌ୟୁ/ କଟକ୍

ଲୋକ୍‌ସଭା ନିର୍ବାଚନ୍‌ର ୨ ନମ୍ବର୍ ଖେପ୍ ଭୋଟ୍ ଆଏଜ୍ ହେଇଯାଇଛେ । ଆଏଜ୍ ସଖାଲର୍ ୭ ବଜୁ ୧୩ ଟା

ରାଜ୍ୟର୍ ୮୮ ଟା ଆସନ୍ ଲାଗି ମତଦାନ୍ ହେଇଥିଲା । କେରଳର ସବୁ ୨୦ ଟା ଲୋକ୍‌ସଭା ଆସନ୍ ସହେତେ କର୍ଣ୍ଣାଟକ୍‌ର ୧୪, ରାଜସ୍ଥାନ୍‌ର ୧୩, ମହାରାଷ୍ଟ୍ର ଆର୍ ଉତରପ୍ରଦେଶ୍‌ର ୮ ଟା ଲେଖା, ମଧ୍ୟପ୍ରଦେଶ୍‌ର ୭, ଆସାମ୍ ଆର୍ ବିହାର୍ ନ ୫ ଟା ଲେଖା, ଛତିଶ୍‌ଗଡ଼୍ ଆର୍ ପଶ୍ଚିମବଙ୍ଗ୍ ନ ୩ ଟା ଲେଖା, ମଣିପୁର୍, ତ୍ରିପୁରା ଆଉ ଜାମ୍ମୁକାଶ୍ମୀର୍‌ର ଗୁଟେ ଲେଖା ଆସନ୍‌ଥି ଶାନ୍ତିଶୃଙ୍ଖଲା ଆର୍ କଡ଼ା ସୁରକ୍ଷା ଭିତ୍‌ରେ ମତଦାନ୍ ହେଇଥିଲା ।

୨ ନମ୍ବର୍ ଖେପ୍ ଭୋଟ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ୨ ନମ୍ବର୍ ଖେପ୍ ଭୋଟ୍ ଲାଗି ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ଆଏଜ୍ ବିଜ୍ଞପ୍ତି ବାହାରିଛେ । ଇତାର୍‌ସହେତେ ଆଏଜ୍‌ଠାନୁ ନାମାଙ୍କନ୍ ଦାଖଲ୍ ପ୍ରକ୍ରିୟା ଭିଲ୍ ମୁଲ୍ ହେଇଛେ । ଇ ଖେପେ ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ବଲାଙ୍ଗିର୍, କନ୍ଧମାଲ୍ ଆର୍ ଆସ୍କା ସଂସଦୀୟ କ୍ଷେତ୍ର ଆଉ ଇତାର୍ ଅଧୀନ୍‌ଥି ଥିବା ୩୫ ଟା ବିଧାନ୍‌ସଭା ଆସନ୍ ଲାଗି ମେ ୨୦ ତାରିଖ୍ ଦିନ ଭୋଟ୍ ହେବା । ମେ ମାସର୍ ୩ ତାରିଖତକ୍ ନାମାଙ୍କନ୍ ପତ୍ର ଦାଖଲ୍‌ର ଶେଷ୍ ଦିନ୍ ରହିଥିବାର୍ ବେଲେ ମେ ୪ ତାରିଖ୍ ଦିନ ନାମାଙ୍କନ୍ ପତ୍ର ଯାଂଚ୍ ହେବା । ସେନ୍ତା ମେ ୬ ତାରିଖ୍‌ତକ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍ କରାଯାଇପାର୍‌ବା ।

ସେଆଡ଼େ ରାଜ୍ୟର୍ ୩ ନମ୍ବର୍ ଖେପ୍ ଭୋଟ୍ ଲାଗି ଇ ମାସର୍ ୨୯ ତାରିଖ୍ ଦିନ ବିଜ୍ଞପ୍ତି ବାହାର୍‌ବା । ସମ୍ବଲ୍‌ପୁର୍, କେନ୍ଦୁଝର୍, ଢେଙ୍କାନାଲ୍, କଟକ୍, ପୁରୀ ଆର୍ ଭୁବ୍‌ନେଶ୍ୱର୍ ଲୋକ୍‌ସଭା ଆସନ୍ ଆର୍ ତାର୍ ଅଧୀନ୍‌ଥି ଥିବା ବିଧାନ୍‌ସଭା ଆସନ୍ ମାନ୍‌କର୍ ଲାଗି ମେ ୨୫ ତାରିଖ୍ ଦିନ ଭୋଟ୍ ହେବା ।

ଜଗତ୍ ପ୍ରସାଦ୍ ନଡ୍ଡା-ଓଡ଼ିଶା ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ଜନତା ପାର୍ଟିର୍ ରାଷ୍ଟ୍ରୀୟ ଅଧକ୍ଷ ଜଗତ୍ ପ୍ରସାଦ୍ ନଡ୍ଡା ଆଏବା ୨୮ ତାରିଖ୍ ରଏବାର୍ ଦିନ ଦିନ୍‌କିଆ ଓଡ଼ିଶା ଗସ୍ତଥି ଆସ୍‌ବେ ବଲି ବିଜେପିର୍ ଆଘର୍ ରାଜ୍ୟ ସଭାପତି ସମୀର୍ ମହାନ୍ତି ସାମ୍ବାଦିକ୍‌ମାନ୍‌କୁ କହିଛନ୍ । ଦିନ୍‌କିଆ କାର୍ଯ୍ୟକ୍ରମ୍‌ଥି ଶ୍ରୀ ନଡ୍ଡା ନବରଙ୍ଗ୍‌ପୁର୍ ଆର୍ ବ୍ରହ୍ମପୁର୍ ଲୋକ୍‌ସଭା କ୍ଷେତ୍ର ଗସ୍ତ କରିକରି ନିର୍ବାଚନୀ ସଭାଥି ଯୋଗ୍ ଦେବେ । ସେ ପହେଲା ବ୍ରହ୍ମପୁର୍ ଆର୍ ପଛେ ନବରଙ୍ଗ୍‌ପୁର୍ ଗସ୍ତଥି ଯିବାର୍ କାର୍ଯ୍ୟକ୍ରମ୍ ରହିଛେ । ବଲି ଶ୍ରୀ ମହାନ୍ତି କହିଛନ୍ ।

ଶିକ୍ଷାନୁଷ୍ଠାନ୍ କର୍ମଚାରୀ-ଇ-ଏକାଉଂଟ୍ ସ୍ଲିପ

ସୂଚନା ଓ ଲୋକସମ୍ପର୍କ ବିଭାଗ୍

୨୦୨୩ -୨୪ ଆର୍ଥିକ୍ ବଛର୍ ଲାଗି ସର୍କାରୀ ଅନୁଦାନ୍ ପାଉଥିବା ଶିକ୍ଷାନୁଷ୍ଠାନ୍ କର୍ମଚାରୀମାନ୍କର୍ ଭବିଷ୍ୟନିଧି ପାଣ୍ଠି ଇ-ଏକାଉଂଟ୍ ସ୍ଲିପ୍ ଦେବାର୍ ବ୍ୟବସ୍ଥା ଶୁଭାରମ୍ଭ ହେଇଛେ । ଇଥି ରାଜ୍ୟର୍ ୪୬ ହଜାର୍ ୨ ଶହ ୧୪ ଜନ୍ ସର୍କାରୀ ଅନୁଦାନ୍ ପାଉଥିବା ଶିକ୍ଷାନୁଷ୍ଠାନ୍ର କର୍ମଚାରୀମାନେ ଲାଭ୍ ପାଇପାର୍ବେ । ଇ ଅବ୍ସରେ ଲେଖା ନିୟନ୍ତ୍ରକ ଅଶୋକ କୁମାର୍ ମହାନ୍ତିଙ୍କର୍ ଅଧ୍ୟକ୍ଷତାଥି ଭୁବ୍ନେଶ୍ୱର୍ ନ ହେଇଥିବା କାର୍ଯ୍ୟକ୍ରମ୍ଥି ଅତିରିକ୍ତ ଲେଖା ନିୟନ୍ତ୍ରକ ଦିବାରାଣୀ ଦୋରା ଆର୍ ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ୍ ଥିଲେ ।

ମେଟ୍ରୋ ପ୍ରକଳ୍ପ ସର୍ଭେ କାମ୍ ଆର୍ଏନ୍ୟୁ/ କଟକ୍

ଭୁବ୍ନେଶ୍ୱର୍ ମେଟ୍ରୋ ରେଲ୍ ପ୍ରକଳ୍ପ ଲାଗି ସର୍ଭେ କାମ୍ ମୁଲ୍ ହେଇଛେ । ବାଣୀ ବିହାର୍ ଛକ୍ନୁ ଶିଶୁଭବନ୍ ଛକ୍ ଆଉ ଜନ୍ପଥ୍ ନ ସର୍ଭେ କରାଯାଉଛେ । ରାସ୍ତା ନ ଥିବା ଗଛ୍ ଆର୍ବିଜ୍ଲି ଖମ୍ଭା ମାନ୍କେ ନଜର୍ଥି ରଖିକରି ଇ ସର୍ଭେ କରାଯାଉଛେ । ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ମେଟ୍ରୋ ପ୍ରକଳ୍ପକେ ଆଏବା ୪ ବଛର୍ ଭିତ୍ରେ କାର୍ଯ୍ୟକ୍ଷମ୍ କର୍ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ପହେଲା ଖେପେ ଭୁବ୍ନେଶ୍ୱର୍ ବିମାନ୍ ବନ୍ଦର୍ନୁ କଟକ୍ର ତ୍ରିଶୁଲିଆତକ୍ ୨୬ କିଲୋମିଟର୍

ମେଟ୍ରୋ ଟ୍ରେନ୍ ଚାଲ୍‌ବାର୍ ଲାଗି ଟେଣ୍ଡର୍ ଆହ୍ୱାନ୍ କରାଯାଇଥିବା ସରକାରୀ ସୂତ୍ରନୁ ଜନାପଡ଼ିଛେ । ୬ ହଜାର୍ ୨ ଶହ ୨୫ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେବାର୍‌କେ ଥିବା ଇ ମେଟ୍ରୋ ରେଲ୍ ପ୍ରକଳ୍ପ ଲାଗି ରାଜ୍ୟ ସର୍‌କାର୍ ସବୁ ଖର୍ଚ୍ଚା କର୍‌ବେ । କେପିଟାଲ୍ ହସ୍ପିଟାଲ୍‌ନୁ ବାପୁଜୀ ନଗର୍, ଭୁବ୍‌ନେଶ୍ୱର୍ ରେଲ୍‌ଷ୍ଟେସନ୍, ରାମ୍‌ମନ୍ଦିର୍ ଛକ୍, ବାଣୀବିହାର୍ ବାଟେ ଆଚାର୍ଯ୍ୟ ବିହାର୍ ଛକ୍‌ତକ୍ ପାଖାପାଖି ୭ କିଲୋମିଟର୍ ଲାଗି ପହେଲା ଖେପେ ୬ ଶହ ୬୮ କୋଟି ଟଙ୍କାର୍ ଟେଣ୍ଡର୍ ଡକାଯାଇଛେ । ସେଆଡ଼େ ବାରଙ୍ଗ ଇଲାକାର୍ ରତାଗଡ଼୍ ନ ମେଟ୍ରୋ ରେଲ୍‌ର କେନ୍ଦ୍ରୀୟ ଡିପୋ ଲାଗି ୪୦ ଏକଡ଼୍ ଜମିଥି କାମ୍ ମୁଲ୍ ହେଇଛେ ।

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଆର୍‌ଏନ୍‌ୟୁ/ କଟକ୍

ନୂଆଁ ଓଡ଼ିଶା ଗଠନ୍‌ର ଅନ୍ୟତମ କର୍ଣ୍ଣଧାର ଆଉ ଓଡ଼ିଶାର୍ ପହେଲା ପ୍ରଧାନ୍‌ମନ୍ତ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାରାଜ୍‌ଙ୍କର୍ ଆଏଜ୍ ଶହେ ୩୩ ନମ୍ବର୍ ଜୟନ୍ତୀ ଅବ୍‌ସରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଇ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ଜାଗା, ଦକ୍ଷିଣ ଓଡ଼ିଶା ଆଉ ଭୁବ୍‌ନେଶ୍ୱର୍ ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ । ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର୍ ସ୍ମୃତିଚାରଣ୍ କରିକରି ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ସାମାଜିକ୍ ଗଣମାଧ୍ୟମ୍‌ଥି କହିଛନ୍ ଯେ,

ରାଜ୍ୟର୍ ବିକାଶ୍ ସହେତେ ଲୁକ୍‌କର୍ କଲ୍ୟାଣ୍, ଶିକ୍ଷା ଆଉ ସାହିତ୍ୟର୍ ଉନ୍ନତି ଲାଗି ମହାରାଜା ଗଜପତିଙ୍କର୍ ଅବଦାନ୍‌ର ତୁଲନା ନାଇଁନ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସ୍ୱତନ୍ତ୍ର ଉତ୍କଲ୍ ପ୍ରଦେଶ୍ ଗଠନ୍‌ର ଅନ୍ୟତମ ବିନ୍ଧାଣୀ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ୍ ଦେବଙ୍କର୍ ଜୟନ୍ତୀ ଅବ୍‌ସରେ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ସୁପ୍ରିମ୍‌କୋର୍ଟ- ଭିଭିପାଟ୍        ଆର୍‌ଏନ୍‌ୟୁ/ କଟକ୍

ନିର୍ବାଚନ୍‌ଥି ଇଭିଏମ୍ ଆର୍ ଭିଭିପାଟ୍‌କେ ନେଇକରି ସୁପ୍ରିମ୍‌କୋର୍ଟ ଆଏଜ୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ । ଭିଭିପାଟ୍ ଯାଂଚ୍ ବାବ୍‌ଦେ ସବୁ ଆବେଦନ୍‌କେ ଅଦାଲତ୍ ଖାରଜ୍ କର୍‌ବାର୍ ସହେତେ ବେଲେଟ୍ ପେପର୍‌ଥି ମତଦାନ୍ ଆବେଦନ୍‌କେ ଭିଲ୍ ଖାରଜ୍ କରିଛନ୍ । ଇଭିଏମ୍‌ଥି ହିଁ ମତଦାନ୍ ହେବା ବଲି କୋର୍ଟ ସ୍ୱଷ୍ଟ କରିଛନ୍ । ବିଚାର୍‌ପତି ଜଷ୍ଟିସ୍ ସଞ୍ଜିବ୍ ଖାନ୍ନା ଆର୍ ବିଚାର୍‌ପତି ଜଷ୍ଟିସ୍ ଦୀପାଙ୍କର୍ ଦତାଙ୍କୁ ନେଇକରି ଗଠିତ୍ ଖଣ୍ଡପୀଠ କହିଛନ୍ ଯେ, ଭୋଟ୍ ଦେବାର୍‌ନୁ ୪୫ ଦିନ୍‌ତକ୍ ଭିଭିପାଟ୍ ସ୍ଲିପ୍ ସୁରକ୍ଷିତ୍ ରହେବା । ଅଦାଲତ୍ ତାଙ୍କର୍ ରାୟ୍‌ଥି ଆହୁରି କହିଛନ୍ ଯେ, ନିର୍ବାଚନ୍ ଫଲାଫଲ୍ ଘୋଷ୍‌ନା ହେବାର୍ ୭ ଦିନ୍ ଭିତ୍‌ରେ ପ୍ରାର୍ଥୀ ଫେର୍‌ଘାଏ ଯାଂଚ୍ କର୍‌ବାର୍ ଲାଗି ଦାବି କରିପାର୍‌ବେ । ଇତାର୍‌ଛଡ଼ା ଇଭିଏମ୍ ଆଉ ଭିଭିପାଟ୍‌ଥି

ବେଭାର୍ ହେଇଥିବା ମାଇକ୍ରୋ କଂଟ୍ରୋଲର୍ ମୋମୋରି ଯାଂଚ୍ କରାଯାଇପାର୍‌ବା । ଆବେଦନ୍‌କାରୀ ପ୍ରାର୍ଥୀଙ୍କୁ ଇ ଅନୁସନ୍ଧାନ୍ ଲାଗି ଖର୍ଚ୍ଚା ଦେବାର୍‌କେ ପଡ଼୍‌ବା । ଯଦି ଇଟା ଭୁଲ୍ ପ୍ରମାଣିତ୍ ହେବା ବେଲେ ଟଙ୍କା ଫିରେଇ ଦିଆଯିବା ବଲି ଅଦାଲତ୍ ତାଙ୍କର୍ ରାୟଥି କହିଛନ୍ ।

ସାଧାରଣ୍ ନିର୍ବାଚନ-ଜିଲ୍ଲାପାଲ୍ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ନ ଆଏବା ମେ ୨୫ ତାରିଖ୍ ଦିନ ସାଧାରଣ୍ ନିର୍ବାଚନ୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ପ୍ରସ୍ତୁତି ଜୋର୍‌ଦାର୍ କରାଯାଇଛେ । ଜିଲ୍ଲାର୍ ସବୁ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀର୍ ଷ୍ଟ୍ରଙ୍ଗ୍ ରୁମ୍‌ମାନ୍‌କେ ଇଭିଏମ୍ ମିସିନ୍ ପୁହୁଁଚି ସାରିଛେ ବଲି ଖବର୍ ମିଲିଛେ । ପୁଲିଂ ଷ୍ଟେସନ୍ ମାନ୍‌କେ ସବୁପ୍ରକାର୍ ବ୍ୟବସ୍ଥା କର୍‌ବାର୍ ଲାଗି ଜିଲ୍ଲାପାଲ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେବାର୍ ସହେତେ ନିଜେ ତଦାରଖ୍ କରୁଛନ୍ । ଭୋଟ୍ କାମ୍‌ଥି ନିୟୋଜିତ ଥିବା ଅଧିକାରୀମାନ୍‌କର୍ ପହେଲା ଖେପ୍ ତାଲିମ୍ ଶେଷ୍ ହେଇଛେ । ଜିଲ୍ଲାର୍ ସୀମ୍‌ନା ଇଲାକାମାନ୍‌କେ ତଲାସୀ ଅଭିଯାନ୍‌କେ ଜୋର୍‌ଦାର୍ କରାଯାଇଛେ । ତିନ୍‌ହି ପ୍ରମୁଖ ଦଲ୍ ପ୍ରାର୍ଥୀ ଘୋଷ୍‌ନା କରିସାରିଥିବାର୍ ବେଲେ ପ୍ରଚାର୍ କାମ୍ ଜୋର୍‌ଦାର୍ କରାଯାଇଛେ ।

ନିର୍ବାଚନ୍ ପ୍ରସ୍ତୁତି ବିଷେଥି ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ କହିଛନ୍...

(ଭଏସ୍ ଓଭର୍- ଜିଲ୍ଲାପାଲ୍)

ସମ୍ବଲ୍‌ପୁର୍ ସମ୍ବାଦଦାତା ଗୁଣମଣି ବିଶ୍ୱାଲ୍‌ଙ୍କର୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ଗୁଣମଣି ବିଶ୍ୱାଲ୍)

ବର୍‌ଗଡ଼୍-ନାମାଙ୍କନ୍ ପତ୍ର ଦାଖଲ

ବର୍‌ଗଡ଼୍/ ଝାର୍‌ସୁଗୁଡ଼ା ସମ୍ବାଦଦାତା

ରାଜ୍ୟର୍ ୨ ନମ୍ବର୍ ଖେପ୍ ଭୋଟ୍ ଲାଗି ଆଏଜ୍ ବିଜ୍ଞପ୍ତି ବାହାର୍‌ବାର୍ ଉତ୍‌ରୁ ବର୍‌ଗଡ଼୍ ଜିଲ୍ଲା ନ ନାମାଙ୍କନ୍ ପତ୍ର ଦାଖଲ୍ ପ୍ରକ୍ରିୟା ମୁଲ୍ ହେଇଛେ । ଆଏଜ୍ ପହେଲା ଦିନ ବର୍‌ଗଡ଼୍ ଲୋକ୍‌ସଭା ଆସନ୍ ଲାଗି କଂଗ୍ରେସ୍ ଦଲର୍ ପ୍ରାର୍ଥୀ ସଞ୍ଜୟ ଭୋଇ ତାଙ୍କର୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ସେନ୍ତା ଭଟ୍‌ଲି ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ବିଜେଡ଼ି ପ୍ରାର୍ଥୀ ସୁଶାନ୍ତ ସିଂ, ବିଜେପୁର୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି କଂଗ୍ରେସ୍ ପ୍ରାର୍ଥୀ କିଶୋର୍ ଦଫାଦାର୍ ଆର୍ ପଦମ୍‌ପୁର୍ ବିଧାନ୍‌ସଭା ଆସନ୍ ଲାଗି କଂଗ୍ରେସ୍ ପ୍ରାର୍ଥୀ ଟଙ୍କଧର୍ ସାହୁ ତାଙ୍କର୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ ।

ସେନ୍ତା ଝାର୍‌ସୁଗୁଡ଼ା ଜିଲ୍ଲାର୍ ବ୍ରଜରାଜ୍‌ନଗର୍ ବିଧାନ୍‌ସଭା ଆସନ୍ ଲାଗି ବିଜେପି ପ୍ରାର୍ଥୀ ସୁରେଶ୍ ପୂଜାରୀ ଆଏଜ୍ ଝାର୍‌ସୁଗୁଡ଼ାର ଅତିରିକ୍ତ ଜିଲ୍ଲାପାଲ୍‌ଙ୍କର୍ ଅଫିସ୍ ନ ତାଙ୍କର୍ ପ୍ରାର୍ଥୀପତ୍ର ଦାଖଲ୍ କରିଛନ୍ ।

ନୂଆପଡ଼ା- ଦୁର୍ଘଟଣା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ତରବୋଡ଼ ଫାଣ୍ଡିର ଗହଲିଆପଦର୍ ଗାଁର୍ ୩ ଶହ ୫୩ ନମ୍ବର୍ ଜାତୀୟ ରାଜପଥ ନ ଆଏଜ୍ ଗୁଟେ ସଡ଼କ୍ ଦୁର୍ଘଟଣାଥି ୪ନେ ଶ୍ରମିକ୍‌ର ଜୀବନ୍ ଯାଇଥିବାର୍ ବେଲେ ଆଉ ୩ ଝନ୍ ଗୁରୁତର୍ ଆହତ୍ ହେଇଛନ୍ । ଆହତ୍‌ମାନ୍‌କୁ ନୂଆପଡ଼ା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକେ ଚିକିତ୍ସା ଲାଗି ଭର୍ତି କରାଯାଇଥିଲା । ହେଲେ ସେମାନ୍‌କର୍ ଅବସ୍ଥା ଗୁରୁତର୍ ହେବାର୍‌ନୁ ରାୟପୁର୍ ହସ୍ପିଟାଲ୍‌କେ ପଠାଯାଇଛେ । ତର୍‌ବୋଡ଼୍‌ନୁ ଗୁଟେ ଟ୍ରାକ୍ଟର୍ ନୂଆପଡ଼ା ଯାଉଥିବାର୍ ବେଲେ ପଛ୍‌ଆଡୁ ଗୁଟେ ଟ୍ରକ୍ ଧକ୍କା ଦେବାର୍‌ନୁ ଇ ଦୁର୍ଘଟଣା ଘଟିଥିଲା ।

ବିଶ୍ୱ ବୌଦ୍ଧିକ ସମ୍ପତି ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ଆଏଜ୍ ବିଶ୍ୱ ବୌଦ୍ଧିକ ସମ୍ପତି ଦିବସ୍ । ବିଶ୍ୱ ବୌଦ୍ଧିକ ସମ୍ପତି ସଂଗଠନ୍‌ର ପ୍ରସ୍ତାବ୍ ଅନ୍‌ସାରେ ୨୦୦୦ ମସିହାନୁ ଫି ବଛର୍ ଆଝିର୍ ଦିନ୍‌କେ ବିଶ୍ୱ ବୌଦ୍ଧିକ ସମ୍ପତି ଦିବସ୍ ଭାବେ ପାଲନ୍ କରାଯାଉଛେ । କପିରାଇଟ୍, ଟ୍ରେଡ୍ ମାର୍କ, ଡିଜାଇନ୍ ଆଉ ପେଟେଂଟ୍ ବାଗିର୍ ବୌଦ୍ଧିକ ସମ୍ପତି ବାବ୍‌ଦେ ଲୁକ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି କର୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ମୁଳ୍ ଲକ୍ଷ୍ୟ ଆଏ । ଇତାର୍‌ସହେତେ ଇ ସମ୍ପତି ମାନ୍‌କର୍ ଦୁରୁପଯୋଗ୍ ନେଇକରି ଭିନ୍ ଭିନ୍ ଆଇନ୍ ବାବ୍‌ଦେ ଲୁକ୍‌କୁ ଜନାବାର୍‌ଟା ଇ ଦିବସ୍ ପାଲନ୍‌ର ଆଉ ଗୁଟେ ଲକ୍ଷ୍ୟ ଆଏ । ନୂଆଁ ଉଭାବନ୍, ନୂଆଁ ବିଚାର୍‌କେ ତହଁକାବାର୍ ଲାଗି ଇ ଦିବସ୍ ପାଲନ୍ ସାହାଜ୍ କର୍‌ସି ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଜବର୍ ଖରା ଜାରି ରହିଛେ । ଆଏଜ୍ ରାଜ୍ୟର୍ ସବୁନୁ ଅଏତ୍‌କା ତାତି ଅନୁଗୁଲ୍ ନ ୪୪ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ୍ କରାଯାଇଛେ । ପଶ୍ଚିମ ଓଡ଼ିଶାର୍ ବୌଦ୍ଧ ନ ୪୪ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ୍ କରାଯାଇଥିବାର୍ ବେଲେ ନୂଆପଡ଼ା ଆର୍ ବଲାଙ୍ଗିର୍ ନ ୪୪ ଡିଗ୍ରୀ ସେଲ୍‌ସିଅସ୍ ତାତି ରେକର୍ଡ୍ କରାଯାଇଛେ । ରାଜ୍ୟର୍ ୧୨ ଟା ଜାଗା ନ ଦିନର୍ ତାତି ୪୩ ଡିଗ୍ରୀ ନୁ ଅଏତ୍‌କା ରହିଥିଲା ।

ସେନ୍ତା ଟିଟିଲାଗଡ଼୍, ସମ୍ବଲ୍ପୁର୍, ହୀରାକୁଦ୍ ନ ୪୩ ଦଶ୍ମିକ୍ ୬ ଡିଗ୍ରୀ ଲେଖା, ଝାର୍ସୁଗୁଡ଼ା ନ ୪୩ ଦଶ୍ମିକ୍ ୫, ଭବାନୀପାଟ୍ନା ନ ୪୨ ଦଶ୍ମିକ୍ ୬, ସୁନ୍ଦର୍ଗଡ଼୍, ରାଉର୍କେଲା ଆର୍ ସୋନ୍ପୁର୍ ନ ୪୨ ଦଶ୍ମିକ୍ ୩ ଡିଗ୍ରୀ ଲେଖା ତାତି ରେକର୍ଡ଼୍ କରାଯାଇଥିଲା ।

ଇତାର୍ ସହେତେ ଆଏବା ୪୮ ଘଂଟା ଭିତ୍ରେ ରାଜ୍ୟର୍ କେତେଟା ଜାଗା ନ ତାତି ୨ ଡିଗ୍ରୀତକ୍ ବଢ଼୍ବାର୍ ସମ୍ଭାବନା ରହିଛେ । ୪ ନୁ ୫ ଦିନ୍ ତକ୍ ତାତି ଜାରି ରହେବା ବଲି ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ମିଳିଛେ ।